# Akashvani, Sambalpur

## SAMBALPURI NEWS EVENING BULLETIN

**23 July 2024- 7.02 pm- 7.12 pm.**

*********************************************

୧- ଲୋକ୍‌ସଭା ନ ଆଗତ୍ ହେଲା ୨୦୨୪-୨୫ ଆର୍ଥିକ୍ ବଛର୍‌ର ବଜେଟ୍ ।

- ନିଯୁକ୍ତି, ଦକ୍ଷତା, ଏମ୍‌ଏସ୍‌ଏମ୍‌ଇ ଆର୍ ମଧ୍ୟବିତବର୍ଗ ଉପ୍‌ରେ ବଜେଟ୍ ହେଇଛେ କେନ୍ଦ୍ରୀଭୂତ- କହେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ।

- ବନ୍ୟପ୍ରାଣୀ ଅଭୟାରଣ୍ୟ ଆର୍ ବେଳାଭୂମି ପର୍ଯ୍ୟଟନ୍‌ର ବିକାଶ୍ ଲାଗି ଓଡ଼ିଶାକେ ମିଲ୍‌ବା ସ୍ୱତନ୍ତ୍ର ସାହାଜ୍ ।

୨- ନିଟ୍- ୟୁଜି - ପ୍ରବେଶିକା -୨୦୨୪ ପରୀକ୍ଷାକେ ବାତିଲ୍ କର୍‌ବାର୍‌କେ ମନା କଲେ ସୁପ୍ରିମ୍‌କୋର୍ଟ ।

୩- ଉପବାଚସ୍ପତି ପଦ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କଲେ ବିଜେପି ବିଧାୟକ୍ ଭବାନୀ ଶଙ୍କର୍ ଭୋଇ ।

ଆଉର୍

୪- ସାରା ଦେଶେ ଆଏଜ୍ ପାଳିତ୍ ହେଉଛେ ଜାତୀୟ ପ୍ରସାରଣ୍ ଦିବସ ।

ବଜେଟ୍- ୨୦୨୪ ଆର୍ଏନ୍ୟୁ/ କଟକ୍

ଲୋକ୍ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି କେନ୍ଦ୍ରୀୟ ବଜେଟ୍ ଆଗତ୍ ହେଇଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସର୍କାର୍ଙ୍କର ୩ ନମ୍ବର୍ ପାଲିର୍ ଇଟା ହେଉଛେ ପହେଲା ବଜେଟ୍ । ବଜେଟ୍ ଆଗତ୍ ହେବାର୍ ଆଘୋନୁ ପରମ୍ପରା ଅନ୍ସାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନ୍ ନ ଭେଟିଥିଲେ । କେନ୍ଦ୍ର ବଜେଟ୍ ଉପସ୍ଥାପନ୍ କରିକରି ଅର୍ଥମନ୍ତ୍ରୀ ସୀତାମରଣ୍ କହିଛନ୍ ଯେ, ଇ ବଜେଟ୍ ନିଯୁକ୍ତି, ଦକ୍ଷତା, ଏମ୍ଏସ୍ଏମ୍ଇ ଆର୍ ମଧ୍ୟବିତ ବର୍ଗ ଉପ୍ରେ କେନ୍ଦ୍ରୀଭୂତ ହେଇଛେ । ଆଏବା ୫ ବଛର୍ ଭିତ୍ରେ ୪ କୋଟି ୧ ଲାଖ୍ ଯୁଆନ୍ ପିଲାମାନ୍କୁ ରୋଜ୍ଗାର୍ ଯୁଗେଇ ଦେବାର୍ ଲାଗି ୫ ଟା ଯୋଜ୍ନାଥି ୨ ଲାଖ୍ କୋଟି ଟଙ୍କା ଖର୍ଚ୍ଚା କରାଯିବାର୍ ଲାଗି ବଜେଟ୍ଥି ବ୍ୟବସ୍ଥା ହେଇଛେ ବଲି ସେ କହିଛନ୍ । ଇ ବଜେଟ୍ଥି ୯ ଟା ବିଷେକେ ପ୍ରାଥମିକତା ଦିଆଯାଇଛେ । ସେଥିର୍ଭିତ୍ରେ କୃଷି, ନିଯୁକ୍ତି ଆଉ ଦକ୍ଷତା, ମାନବସମ୍ବଳ ବିକାଶ୍ ଆର୍ ସାମାଜିକ୍ ନ୍ୟାୟ, ଉତ୍ପାଦନ୍ ଆର୍ ସେବା, ନଗର୍ ଉନ୍ନୟନ୍, ଶକ୍ତି ସୁରକ୍ଷା, ଭିତିଭୂମି, ଉଦ୍ଭାବନ, ଗବେଷଣା ଆଉ ବିକାଶ୍ ଆର୍ ଉତ୍ପାଦକତା ଆଉ ସ୍ଥିରତା ରହିଛେ । ଇ ବଛରର୍ ବଜେଟ୍ଥି କୃଷି

ଆଉ ଆନୁସଙ୍ଗିକ କ୍ଷେତ୍ର ଲାଗି ୧ ଲାଖ୍ ୫୨ ହଜାର୍ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ।

ରାଜ୍ୟମାନ୍‌କର୍ ସହଭାଗିତାଥି ସର୍‌କାର୍ ଆଏବା ୩ ବଛର୍ ଭିତ୍‌ରେ କୃଷି କ୍ଷେତ୍ର ନ ଡିଜିଟାଲ୍ ସାର୍ବଜନୀନ ଭିତିଭୂମି କାର୍ଯ୍ୟକାରୀ କରାଯିବା । ସମବାୟ କ୍ଷେତ୍ରର୍ ଶୃଙ୍ଖଲିତ୍ ଆର୍ ସବୁ ରକ୍‌ମର୍ ବିକାଶ୍ ଲାଗି ସରକାର୍ ଗୁଟେ ଜାତୀୟ ସହଯୋଗ୍ ନୀତି ଆନ୍‌ବେ ବଲି ଶ୍ରୀମତୀ ସୀତାରମଣ୍ କହିଛନ୍ । ବଜେଟ୍‌ଥି ପହେଲାଥର୍ ଲାଗି କର୍ମଚାରୀମାନ୍‌କର୍ ଲାଗି ଗୁଟେ ନୂଆଁ ଯୋଜ୍‌ନା ମୁଲ୍ କରାଯାଇଛେ । ଯେନ୍‌ଥି ୨ କୋଟି ୧୦ ଲାଖ୍ ୟୁଆନ୍ ପିଲା ଲାଭ୍ ପାଏବେ । ଶ୍ରୀମତୀ ସୀତାରମଣ୍ କହିଛନ୍ ଯେ, ଦେଶର୍ ପୂର୍ବାଂଚଲ୍‌ର ସବୁ ରକ୍‌ମର୍ ବିକାଶ୍ ଲାଗି ବିହାର୍, ଝାର୍‌ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଆର୍ ଆନ୍ଧ୍ରପ୍ରଦେଶ୍ ବାଗିର୍ ସର୍‌କାର୍ ପୂର୍ବୋଦୟ ନାଁଥି ଗୁଟେ ଯୋଜ୍‌ନା ତିଆର୍ କର୍‌ବେ । ଓଡ଼ିଶାର୍ ପର୍ଯ୍ୟଟନ୍ ସ୍ଥଲୀ ଲାଗି ବଜେଟ୍‌ଥି ବିଶେଷ୍ ଘୋଷ୍‌ନା କରାଯାଇଛେ । ଓଡ଼ିଶାର୍ ବନ୍ୟପ୍ରାଣୀ ଅଭୟାରଣ୍ୟ ଆର୍ ବେଲାଭୂମି ପର୍ଯ୍ୟଟନ୍‌ର ବିକାଶ୍ ଉପ୍‌ରେ ବଜେଟ୍‌ଥି ଜୋର୍ ଦିଆଯାଇଛେ । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍ ଓଡ଼ିଶାକେ ଆର୍ଥିକ୍ ସାହାଜ୍ ଦେବେ ବଲି ଅର୍ଥମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ଅର୍ଥମନ୍ତ୍ରୀ)

ବଜେଟ୍‌ଥି ଆୟକର ବ୍ୟବସ୍ଥାଥି ବଦ୍‌ଲାଯାଇଛେ । କେନ୍ଦ୍ର ସର୍‌କାର୍ ନୂଆଁ ଟିକସ୍ ବ୍ୟବସ୍ଥାଥି ଆୟକରଥି ଦର୍‌ମା ପାଉଥିବା କର୍ମଚାରୀଙ୍କର୍ ଲାଗି ଷ୍ଟାଣ୍ଡାର୍ଡ ଡିଡକ୍ସନ୍‌କେ ୫୦ ହଜାର୍ ଟଙ୍କାନୁ ୭୫ ହଜାର୍ ଟଙ୍କାକେ ବଢ଼େଇଛନ୍ ।

ସେନ୍ତା ପେନ୍‌ସନ୍ ପାଉଥିବା ଲୁକ୍‌କର୍ ଲାଗି ପାରିବାରିକ୍ ପେନ୍‌ସନ୍ ଉପ୍‌ରେ ରହାତି ୧୫ ହଜାର୍ ଟଙ୍କାନୁ ୨୫ ହଜାର୍ ଟଙ୍କାକେ ବଢ଼ାଯାଇଛେ । ନୂଆଁ ଟିକସ୍ ବ୍ୟବସ୍ଥାଥି ୩ ଲାଖ୍ ଟଙ୍କାତକ୍ ଆୟ ଉପ୍‌ରେ କେନ୍‌ସି ଆୟକର ଲାଗୁ ନାଇଁ ହୁଏ । ୩ ଲାଖ୍‌ନୁ ୭ ଲାଖ୍ ଟଙ୍କାତକ୍ ୫ ପ୍ରତିଶତ୍, ୭ ନୁ ୧୦ ଲାଖ୍ ଟଙ୍କାତକ୍ ୧୦ ପ୍ରତିଶତ୍, ୧୦ ନୁ ୧୨ ଲାଖ୍ ଟଙ୍କାତକ୍ ୧୫ ପ୍ରତିଶତ୍, ୧୨ ନୁ ୧୫ ଲାଖ୍ ଟଙ୍କାତକ୍ ୨୦ ପ୍ରତିଶତ୍ ଆର୍ ୧୫ ଲାଖ୍ ଟଙ୍କାନୁ ଅଏତ୍‌କା ଆୟ ଉପ୍‌ରେ ୩୦ ପ୍ରତିଶତ୍ ଆୟକର ଦେବାର୍‌କେ ପଡ଼୍‌ବା ।

ସେଆଡ଼େ ନୂଆଁ ପେନ୍‌ସନ୍ ସ୍କିମ୍- ଏନ୍‌ପିଏସ୍ ବାବ୍‌ଦେ କେନ୍ଦ୍ର ସର୍‌କାର୍ ନିଯୁକ୍ତିଦାତାଙ୍କର୍ ରିହାତି ଲାଗି କର୍ମଚାରୀଙ୍କର୍ ଦର୍‌ମାର୍ ଅଂଶଧନ ୧୦ ନୁ ୧୪ ପ୍ରତିଶତକେ ବଢ଼େଇଛନ୍ । ସୁନା ଆର୍ ମୂଲ୍ୟବାନ ଧାତୁ ଅଲଙ୍କାର୍‌ର ଘରୋଇ ଦାମ୍ କମାବାର୍ ଲାଗି ସୁନା, ରୂପା ଉପ୍‌ରେ ସୁନା ଶୁଳ୍କ ୬ ପ୍ରତିଶତ୍ ଆର୍ ପ୍ଲାଟିନମ୍ ଉପ୍‌ରେ ସୀମା ଶୁଳ୍କ ୬ ଦଶ୍‌ମିକ୍ ୪ ପ୍ରତିଶତ୍‌କେ କମାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ-ପ୍ରତିକ୍ରିୟା          ଏନ୍‌ଏସ୍‌ଡି

୨୦୨୪-୨୫ ଆର୍ଥିକ୍ ବଛର୍‌ର କେନ୍ଦ୍ରୀୟ ବଜେଟ୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ୍‌ଥି କହିଛନ୍ ଯେ, ଇ ବଜେଟ୍ ବିକଶିତ୍ ଭାରତ୍ ଲାଗି ସାହାଜ୍ ହେବା । ଯେନ୍‌ଟାକି ଦେଶର୍ ସାମୂହିକ ବିକାଶ୍ ଆଉ ସମାଜ୍‌ର ସବୁ ବର୍ଗର୍ ଲୁକ୍‌କର୍ ଉନ୍ନତିକେ ସୁନିର୍ଶ୍ଚିତ୍ କର୍‌ବା । ପ୍ରଧାନ୍‌ମନ୍ତ୍ରୀ ଆହୁରି କହିଛନ୍ ଯେ, ତାଙ୍କର୍ ସର୍‌କାର୍ ନିଯୁକ୍ତିକେ ନେଇକରି ଭିନ୍ ଭିନ୍ ଯୋଜ୍‌ନା ଘୋଷ୍‌ନା କରିଛନ୍ । ଯେନ୍‌ଟାକି କୋଟି କୋଟି ନିଯୁକ୍ତି ସୃଷ୍ଟି କର୍‌ବାର୍‌ଥି ସାହାଜ୍ ହେବା । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ସବୁ ନାଗରିକଙ୍କୁ ଶୁଭେଛା ଜନେଇଛନ୍ ।

ନିଟ୍-ୟୁଜି-ସୁପ୍ରିମ୍‌କୋର୍ଟ          ଏନ୍‌ଏସ୍‌ଡି

ପ୍ରଶ୍ନପତ୍ର ଲିକ୍ ଆର୍ ଅନିୟମିତତାକେ ଆଧାର କରିକରି ନିଟ୍-ୟୁଜି- ୨୦୨୪ ପରୀକ୍ଷା ବାତିଲ୍ କର୍‌ବାର୍‌କେ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ । ପ୍ରଧାନ୍ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଆର୍ ମନୋଜ୍ ମିଶ୍ରାଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଗୁଟେ ନୁ ଅଏତ୍‌କା ଆବେଦନ୍‌ର ଶୁଣାଣି କରିକରି ଇ ରାୟ ଶୁନେଇଛନ୍ । ସୁପ୍ରିମ୍‌କୋର୍ଟ କହିଛନ୍ ଯେ, ଫେର୍‌ଘାଏ ପରୀକ୍ଷା କଲେ

୨୩ ଲାଖ୍ ନୁ ଅଏତ୍କା ଛାତ୍ରଛାତ୍ରୀ ପ୍ରଭାବିତ୍ ହେବେ । ଇତାର୍ସଙ୍ଗେ ଏକାଡେମିକ୍ କାର୍ଯ୍ୟସୂଚୀଥି ଭିଲ୍ ବାଧା ହେବା ବଲି ସୁପ୍ରିମ୍କୋର୍ଟ ତାଙ୍କର୍ ରାୟଥି କହିଛନ୍ ।

ଉପବାଚସ୍ପତି ନାମାଙ୍କନ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ବିଧାନ୍ସଭା ଉପବାଚସ୍ପତି ପଦ୍ ଲାଗି ତଲ୍ସରାର୍ ବିଜେପି ବିଧାୟକ୍ ଭବାନୀ ଶଙ୍କର୍ ଭୋଇ ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଉପବାଚସ୍ପତି ନିର୍ବାଚନ୍ ଲାଗି ବିଧାନ୍ସଭା ଅଧିବେଶନ୍ର ୨ ନମ୍ବର୍ ଦିନେ ବାଚସ୍ପତି ସୁରମା ପାଢ଼ୀ ଆଏଜ୍ ଗୃହଥି ଘୋଷ୍ନା କରିଥିଲେ । ଇତାର୍ ଉତ୍ରୁ ବିଧାୟକ୍ ଶ୍ରୀ ଭୋଇ ବିଧାନ୍ସଭା ସଚିବଙ୍କର୍ ପାଖେ ବିଧିବଦ୍ଧ ଭାବେ ଉପବାଚସ୍ପତି ପ୍ରାର୍ଥୀ ଭାବେ ନାମାଙ୍କନ୍ ଦାଖଲ୍ କରିଥିଲେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା, ରାଜ୍ୟମନ୍ତ୍ରୀମଣ୍ଡଲ୍ର ସଦସ୍ୟ ଆର୍ ବିଧାୟକ୍ମାନେ ଉପସ୍ଥିତ୍ ଥିଲେ । ଶ୍ରୀ ଭୋଇ ଖାଲି ଝନେ ପ୍ରାର୍ଥୀ ହିସାବେ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ନୁ ସେ ନିର୍ଦ୍ଵନ୍ଦଥି ନିର୍ବାଚିତ୍ ହେବାର୍ ନିଶ୍ଚିତ୍ ହେଇଯାଇଛେ ।

ଗୃହମୁଲ୍ତବୀ        ଆର୍ଏନ୍ୟୁ/ କଟକ୍

ରାଜ୍ୟ ବିଧାନ୍ସଭା ଅଧିବେଶନ୍ର ଆଏଜ୍ ୨ ନମ୍ବର୍ ଦିନେ ବୈଠକ୍ ଆରମ୍ଭ୍ନୁ ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ ଦଲ୍ ତର୍ଫୁ ଗୃହ ନ କିର୍ଲାଗଗା ହେଇଥିଲା । ସେଥିର୍ଲାଗି ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍ ନାଇଁ ହେଇପାରି । ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କର୍ ପୋଡ଼ିୟମ୍ ଆଗାଡ଼େ ଏକାସାଙ୍ଗେ ଭିନ୍ ଭିନ୍ ପ୍ରସଙ୍ଗ୍ଥି କିର୍ଲାଗଗା କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ପହେଲା ଦିନର୍ ସାଢ଼େ ୧୧ ବଜେତକ୍ ଗୃହକେ ମୁଲ୍ତବୀ ଘୋଷ୍ନା କରିଥିଲେ । ହେଲେ ଫେର୍ ବୈଠକ୍ ଆରମ୍ଭ୍ ହେଉନ୍ସାର୍ ବିରୋଧୀ ସଦସ୍ୟମାନେ କିର୍ଲାଗଗା କରିଥିଲେ । ଇତାର୍ଉତ୍ରୁ ୪ ବଜେତକ୍ ଗୃହ ମୁଲ୍ତବୀ ରହିଥିଲା । ୪ ବଜେ ଗୃହ ମୁଲ୍ ହେବାର୍ ଉତ୍ରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ - ରାଜ୍ୟପାଲ୍ଙ୍କର୍ ଅଭିଭାଷଣ୍ ଉପ୍ରେ ଧନ୍ୟବାଦ ପ୍ରସ୍ତାବ୍ ରଖିଥିଲେ । ଇ ସମିଆଥି ବିରୋଧୀମାନେ ଗୃହ ନ କିର୍ଲାଗଗା କରିଥିଲେ । ପାଖାପାଖି ଅଧାଘଂଟାତକ୍ ଗୃହ ଚାଲିଥିବାର୍ ବେଲେ ବାଚସ୍ପତି ୪ ବାଜିକରି ୨୮ ମିନିଟ୍ଥି ଗୃହକେ ଆଏବା କାଏଲ୍ତକ୍ ମୁଲ୍ତବୀ ଘୋଷ୍ନା କରିଛନ୍ ।

ଜାତୀୟ ପ୍ରସାରଣ୍ ଦିବସ       ଆର୍ଏନ୍ୟୁ/ କଟକ୍

ସାରା ଦେଶେ ଆଏଜ୍ ଜାତୀୟ ପ୍ରସାରଣ୍ ଦିବସ୍ ପାଲନ୍ ହେଉଛେ । ଦେଶର୍ କମ୍ୟୁନିଟି ରେଡ଼ିଓ ପ୍ରସାରଣର୍ ଜନ୍ମକେ ସମ୍ମାନ୍ ଜନାବାର୍ ଲାଗି ଫି' ବଛର୍ ଜୁଲାଇ ୨୩ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଉଛେ । ଆଝିର୍ ଦିନେ ଯୋଗାଯୋଗ୍, ମନୋରଞ୍ଜନ୍ ଆର୍ ଶିକ୍ଷାର୍ ଗୁଟେ ମାଧ୍ୟମ୍ ହିସାବ୍‌ଥି ରେଡ଼ିଓର୍ ପ୍ରଭାବ୍‌କେ ମନେ ରଖ୍‌ବାର୍ ଲାଗି ପ୍ରଶଂସା କରାଯାଏସି । ସାରା ଭାରତ୍‌ର ଲୁକ୍‌କୁ ଜୁଡ଼୍‌ବାର୍ ସହେତେ ଖବର୍, ଗୀତ୍ ଆର୍ କଥାନୀ ବାଂଟ୍‌ବାର୍‌ଥି ରେଡ଼ିଓ ଗୁଟେ ବଡ଼ ଭୂମିକା ନେଇଛେ । ଯେନ୍‌ଟାକି ଦେଶର୍ ସାଂସ୍କୃତିକ ଆର୍ ସାମାଜିକ୍ ଦୃଶ୍ୟପଟକେ ନୂଆଁ ରୂପ ଦେଇଛନ୍ । ଇଣ୍ଡିଆନ୍ ବ୍ରଡ଼କାଷ୍ଟିଂ କମ୍ପାନୀ- ଆଇ.ବି.ସି. ସେତେବେଲର୍ ବମ୍ବେନୁ ଆଝିର୍ ଦିନେ ଇତାର୍ ରେଡ଼ିଓ ପ୍ରସାରଣ୍ କରିଥିଲା । ପଛେ ସର୍‌କାର୍ ଆଇ.ବି.ସି.କେ ନିଜର୍ ହାତ୍‌କେ ନେଇଥିଲେ ଆଉ ୧୯୩୬ ମସିହା ନ ଇତାର୍ ନାଁ ବଦ୍‌ଲେଇକରି ଅଲ୍ ଇଣ୍ଡିଆ ରେଡ଼ିଓ - ଏଆଇଆର୍ ରଖାଯାଇଥିଲା । ସେଦିନୁ ଆକାଶ୍‌ବାଣୀ ପୁର୍‌ଥିର୍ ସବୁଠାନୁ ବଡ଼ ରେଡ଼ିଓ ନେଟ୍‌ୱାର୍କ ଭାବେ ଦେଶର୍ ଲାଖ୍ ଲାଖ୍ ସ୍ରୋତାଙ୍କର୍ ପାଖେ ପୁହୁଁଚିଛେ । ଇ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍‌ର ଆଉଟ୍‌ରିଚ୍ ସଂସ୍ଥା ତର୍‌ଫୁ ସ୍କୁଲ୍ କଲେଜ୍ ଆଉ ବିଶ୍ୱବିଦ୍ୟାଲୟର୍ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ

ରାଜ୍ୟସ୍ତରୀୟ ପ୍ରତିଯୋଗିତାମାନ୍ ଆୟୋଜନ୍ କରାଯାଇଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ଥି ପ୍ରଧାନ୍ମନ୍ତ୍ରୀ ଲୁକ୍କର୍ ଠାନୁ ଆଏବା ୨୬ ତାରିଖ୍ତକ୍ ମତାମତ୍ ଆହ୍ବାନ୍ କରିଛନ୍ । ଇତାର୍ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଏଛେନ୍ ମଧ୍ୟପ୍ରଦେଶ୍ ଉପ୍‌ରେ ରହିକରି ଗୁଟେ ଟ୍ରଫ୍ ଲାଇନ୍ ଓଡ଼ିଶାତକ୍ ଆସିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବର୍‌ଗଡ୍, ବୌଦ୍ଧ, ସୁବର୍ଣ୍ଣପୁର୍ ଆର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷା ହେବା । ସେନ୍ତା ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍ ଆଉ କେତେଟା ଜିଲ୍ଲା ନ ଭିଲ୍ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ । ଆଏବା କାଏଲ୍ ଭିଲ୍ ଏନ୍ତା ଥିତି ଜାରି ରହେବା ବଲି ପାଣିପାଗ୍ କେନ୍ଦ୍ର କହିଛେ ।